# ଜିଲ୍ଲାସ୍ତରୀୟ ପାଣି ପଂଚାୟତ ମହାସଂଘର କର୍ମଶାଳା

ଝାରସୁଗୁଡ଼ା, ୨୦।୧୧(ଇମିସ): ସ୍ଥାନୀୟ ମେଘଦୂତ ହୋଟେଲରେ



ଓଡ଼ିଶା ଗୋଷ୍ଠୀ ଜଳାଶୟ ପରିଚାଳନା ପ୍ରକଳ୍ପ, ଝାରସୁଗୁଡ଼ା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପାଣି ପଂଚାୟତ ମହାସଂଘର ୨ ଦିନିକି କର୍ମଶାଳା ଆଜି ଆରମ୍ଭ ହୋଇଛି। ଜିଲ୍ଲା ପ୍ରକଳ୍ପ ପରିଚାଳକ ତଥା ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ପଟେଲ, ପ୍ରଶିକ୍ଷକ ରାମକୃଷ୍ଣ ସୁରଦେଓ, ରାଜ୍ୟ ପ୍ରକଳ୍ପ ସଂଗଠନ ଦୃଢ଼ୀକରଣ ସଂଯୋଜିକା ଜ୍ୟୋତ୍ସ୍ନାମୟୀ ନନ୍ଦ, ଯୋଗାଯୋଗ ଅଧିକାରୀ ଶିବାନନ୍ଦ ମିଶ୍ର, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ସଂଜୟ କୁମାର ଝା, ଆଶିଷ କୁମାର ବନଛୋର ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଜିଲ୍ଲାର ୨୨ଟି ପାଣି ପଂଚାୟତକୁ ନେଇ ଗଠିତ ମହାସଂଘର ଉପସଭାପତି ଭୁପାଳ ଚନ୍ଦ୍ର ବେହେରା ମହାସଂଘର ଲକ୍ଷ୍ୟ ଏବଂ କର୍ମଶାଳାର ଅଭିମୁଖ୍ୟ ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। କର୍ମଶାଳାରେ ଯୋଗଦେଇଥିବା ବିଭିନ୍ନ ପାଣି ପଂଚାୟତର ୪୩ ଜଣ ସଭାପତି ଓ ସମ୍ପାଦକ ମଧ୍ୟ ସେମାନଙ୍କର ମତ ରଖିଥିଲେ। ପାଣି ପଂଚାୟତ ମହାସଂଘ ଆଗାମୀ ଦିନରେ କିପରି ସ୍ୱାବଲମ୍ବୀ ହେବ ଏବଂ ଏହାକୁ ସୁଦୃଢ଼ୀକରଣ କରାଯାଇ ପାରିବ ସେ ନେଇ ପ୍ରଶିକ୍ଷକ, ଉପସ୍ଥିତ ମହାସଂଘର କର୍ମକର୍ତ୍ତାମାନଙ୍କୁ ବୁଝାଇଥିଲେ।